# ପ୍ରେମାନନ୍ଦ ତ୍ରିପାଠୀ

ଶ୍ରୀ ପ୍ରେମାନନ୍ଦ ତ୍ରିପାଠୀ ୧୯୫୯ ମସିହାରେ ଭାରତୀୟ ପ୍ରଶାସନ ସେବାରେ ଯୋଗଦାନ କରି ୧୯୯୩ ମସିହାରେ ଅବସର ଗ୍ରହଣ କରିଛନ୍ତି । ତାଙ୍କ ପୁସ୍ତକ-

**ଟେକ୍‌ନିକ୍ ଅଫ୍ ମେଡ଼ିଟେସନ୍ ଇନ୍ ଦି ଗୀତା,** ପୃଷ୍ଠା-୧୪୬, ପ୍ରକାଶକାଳ- ୨୦୧୦, ମୂଲ୍ୟ: ୧୨୦.୦୦,

ଶ୍ରୀମଦ୍ ଭଗବତ୍ ଗୀତା ସମଗ୍ର ମାନବଜାତିର ପଥ ପ୍ରଦର୍ଶକ, ସାର୍ବଜନୀନ ଧର୍ମଶାସ୍ତ୍ର । ଗୀତାରେ ଅଛି ଶାଶ୍ୱତ, ସ୍ଥାୟୀ, ଅକ୍ଷୟ ଶାନ୍ତି ସେତିକିବେଳେ ମିଳିଥାଏ ଯେବେବେଳେ ମନୁଷ୍ୟ ସର୍ବଶକ୍ତିମାନ, ସକଳ ଆନନ୍ଦର ପ୍ରତୀକ ଈଶ୍ୱରଙ୍କ ସହ ଯୁକ୍ତ ହୋଇଯାଏ । ଏହି ଯୁକ୍ତ ହେବାର ମାଧ୍ୟମ ହେଉଛି ଯୋଗ । ଯୋଗର ସମସ୍ତ ସୂତ୍ର ମଧ୍ୟରେ ଧ୍ୟାନ ଅନ୍ୟତମ । ଏହି ଧ୍ୟାନ ଓ ଯୋଗର ସୂତ୍ର ଅନୁଭବ କରି ଶ୍ରୀ ତ୍ରିପାଠୀ ଶାନ୍ତି ଓ ଆନନ୍ଦଲାଭ ନିମିତ୍ତ ବ୍ରହ୍ମସୂତ୍ର, ପତଞ୍ଜଳି ଯୋଗସୂତ୍ର, ଶିବସୂତ୍ର, କଠୋପନିଷଦ, ଛାନ୍ଦୋଗ୍ୟ ଉପନିଷଦ ଆଦି ବହୁ ଧର୍ମଶାସ୍ତ୍ର ଅବଲମ୍ବନରେ ଧ୍ୟାନର ଅଭିପ୍ସା, ଉପଯୋଗୀତା, ବିଭିନ୍ନ ଯୋଗ ସମ୍ପର୍କରେ ଅବତାରଣା କରିଛନ୍ତି । ଯୋଗାଭ୍ୟାସ, ଧ୍ୟାନ ମାଧ୍ୟମରେ ଈଶ୍ୱରୋପଲବ୍ଧ, ଶାଶ୍ୱତ ଆନନ୍ଦ ପ୍ରାପ୍ତି ଦିଗରେ ପୁସ୍ତକର ଉପଯୋଗିତା ସ୍ୱୀକାର୍ଯ୍ୟ ।